**SET NO - 1**

Exam ID. | | | | | | |

Candidates must write the Set No. on the title page of the OMR Sheet.

# DAV PUBLIC SCHOOLS, ODISHA ZONE–I
## PA-II EXAMINATION, 2021-22

- **Check that this question paper contains 08 printed pages.**
- **Set number given on the right hand side of the questions paper should be written on the OMR SHEET by the candidate.**
- **Check that this question paper contains 50 questions.**

## CLASS -X
## SUB : ODIA (013)

**Time : 90 minutes** **Maximum Marks:40**

**General Instruction:**

- Please check that this question paper contains 50 questions. Out of which 40 questions need to be attempted.
- The question paper consists of 3 parts
  - Part - A : Comprehension – 10 marks
  - Part - B : Grammar – 10 marks
  - Part - C : Literature – 20 marks
- All questions carry equal marks.

## PART –A 10

## (Comprehension)

**1. ନିମ୍ନ ଅପଠିତ ଗଦ୍ୟ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ବାଛ । (ଯେ କୌଣସି ୫ ଟିର)** (5 x 1 = 5)

ଥାଇ ଦେଶର ସ୍ଥାପତ୍ୟ ହେଉଛି ବୌଦ୍ଧ ସ୍ତୂପ ଓ ଚୈତ୍ୟଶ୍ରେଣୀୟ । ସାଞ୍ଚି ଓ ଭାରତରେ ଅନ୍ୟାନ୍ୟ ବୌଦ୍ଧ ସ୍ତୁପ ଓ ମନ୍ଦିରର ପ୍ରଭାବ ବହୁଳ ଭାବରେ ଦେଖାଯାଏ । ବ୍ୟାଙ୍କକର୍ ବଟଅରୁଣ ମନ୍ଦିର ତାର ସୌନ୍ଦର୍ଯ୍ୟ ଓ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧ । ଏହାର ଉଚ୍ଚତା ୨୧୭ ଫୁଟ । ଏହା ବୌଦ୍ଧ ମନ୍ଦିର ହେଲେ ହେଁ ଏହାର ଉପରେ ତ୍ରିଶୂଳ ରହିଛି । ଯକ୍ଷ, ରାକ୍ଷସ ଓ କିନ୍ନରମାନଙ୍କର ମୂର୍ତ୍ତି ମନ୍ଦିରଗାତ୍ରରେ ଖୋଦିତ ହୋଇଛି । ରାଜପ୍ରାସାଦ ମଧ୍ୟରେ ଥିବା ମର୍କତ ବୁଦ୍ଧମନ୍ଦିର ଗାତ୍ରରେ ରାମାୟଣର ଚିତ୍ର ଚମତ୍କାର ଭାବରେ ଅଙ୍କନ କରାଯାଇଛି । ଏଠାରେ ଶ୍ୟାମ ଦେଶର ପର୍ବପର୍ବାଣିରେ ଓଡ଼ିଶାର କେତେକ ପର୍ବର କିପରି ସାମଞ୍ଜସ୍ୟ ରହିଛି , ତାହା ଉଲ୍ଲେଖ କରାଯାଇପାରେ । କାର୍ତ୍ତିକ ପୂର୍ଣ୍ଣିମା ରାତିରେ ଆମର ଏଠାରେ କଦଳୀ ପଟୁଆ ଡଙ୍ଗାରେ ଦୀପ ରଖି ଭସାଇ ଦିଆଯାଏ । ଶ୍ୟାମ ଦେଶରେ କାର୍ତ୍ତିକ ଓ ମାର୍ଗଶିର ଉଭୟ ମାସରେ ଏହା କରାଯାଏ । ନଈ ନଥିଲେ ପୋଖରୀରେ ଡଙ୍ଗା ଭସାଯାଏ । ତା' ଦେହରେ ଆମେ ଯେପରି କରିଥାଉ , ସେହିପରି ପାନ, ଗୁଆ , ଧୂପ , ଦୀପ ଆଦି ରଖି ଭସାଇ ଦିଆଯାଏ । ମନେହୁଏ ସମୁଦ୍ରର ଏ ପାରିରୁ ଯେଉଁ ଓଡ଼ିଆ ବଣିକମାନେ ସେଠାକୁ ଯାଇ ସେଠାରେ ସେମାନଙ୍କର ସଭ୍ୟତା ଓ ସଂସ୍କୃତିକୁ ସ୍ଥାପନ କରିଥିଲେ ତାଙ୍କର ଦାୟାଦମାନେ ଏହି ଉତ୍ସବକୁ ଏକ ଜାତୀୟ ପର୍ବ ରୂପେ ଏପର୍ଯ୍ୟନ୍ତ ପାଳନ କରୁଛନ୍ତି । ସେଦିନ ରାଜାଙ୍କର ମଧ୍ୟ ନୌକାବିହାର ହୁଏ । ପୁଣି ଆଉ ଗୋଟିଏ ପର୍ବ ଅଛି, ଯେଉଁଥିରେ ଆମ ଓଡ଼ିଶାର ତିନୋଟି ପର୍ବ ଯଥା- ରଜ, ଦୋଳପୂର୍ଣ୍ଣିମା ଓ ବିଷୁବସଂକ୍ରାନ୍ତିର ଏକତ୍ର ସମାବେଶ ଦେଖିବାକୁ ମିଳେ । ସଂକ୍ରାନ୍ତି ଉପଲକ୍ଷେ ଏହା ଅପ୍ରେଲ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ପାଳନ କରାଯାଏ । ଏହାର ନାମ ମହାସଂକ୍ରମଣ । ସେଦିନ ସପ୍ତଯୋଗିନୀ ଓ କପିଳମହାବ୍ରହ୍ମ ଆବିର୍ଭୂତ ହୁଅନ୍ତି । ସକାଳେ ବାହନ ପିଠିରେ ଠିଆ ହୋଇ, ଉପରବେଳା ପିଠିରେ ବସି,ସନ୍ଧ୍ୟାରେ ଆଖିଖୋଲି ପିଠିରେ ଶୋଇରହି ଓ ଅଧରାତିରେ ଆଖିବୁଜି ଆସନ୍ତି । ସଂକ୍ରାନ୍ତି ପୂର୍ବରୁ ପାଞ୍ଜିପାଠ କରାଯାଏ ଏବଂ ତାପରେ ଫଗୁଖେଳ ହୁଏ । ନୃତ୍ୟ, ଗୀତ ଖେଳ ଆଦି ହୁଏ ।

(1) 'ବଟଅରୁଣ ମନ୍ଦିର' ଉପରେ କ'ଣ ରହିଛି ? (1)

(A) ତ୍ରିଶୂଳ (B) ପତାକା
(C) ଚକ୍ର (D) ଧନୁଶର

(2) 'ମର୍କତ ବୁଦ୍ଧମନ୍ଦିର' ଗାତ୍ରରେ କାହାର ଚିତ୍ର ଅଙ୍କନ କରାଯାଇଛି ? (1)

(A) ନୃତ୍ୟାଙ୍ଗନାମାନଙ୍କର (B) ପଲ୍ଲୀସଂସ୍କୃତିର
(C) ରାମାୟଣର (D) ମହାଭାରତର

(3) କେବେ କଦଳୀ ପଟୁଆଡଙ୍ଗା ଭସାଇ ଦିଆଯାଏ ? (1)

(A) ଜ୍ୟେଷ୍ଠପୂର୍ଣ୍ଣିମା ରାତିରେ (B) ଆଷାଢ଼ପୂର୍ଣ୍ଣିମାରେ
(C) ମାଘପୂର୍ଣ୍ଣିମାରେ (D) କାର୍ତ୍ତିକପୂର୍ଣ୍ଣିମା ରାତିରେ

(4) କଦଳୀ ପଟୁଆ ଡଙ୍ଗାରେ କ'ଣ କ'ଣ ରଖାଯାଏ ? (1)

(A) ଚନ୍ଦନ , ଫୁଲ , ପାନ, ଗୁଆ (B) ପାନ, ଗୁଆ, ଧୂପ, ଦୀପ
(C) ଧୂପ , ଦୀପ, କସ୍ତୁରୀ, ଚନ୍ଦନ (D) ପାନ, ଗୁଆ, ଦୀପ, ଫୁଲ

(5) 'ବଟଅରୁଣ ମନ୍ଦିର' କେଉଁ ଧର୍ମର ମନ୍ଦିର ? (1)

(A) ହିନ୍ଦୁ (B) ଶିଖ୍
(C) ବୌଦ୍ଧ (D) ଜୈନ

(6) କେଉଁ ତିଥିରେ ସପ୍ତଯୋଗିନୀ ଓ କପିଳମହାବ୍ରହ୍ମ ଆବିର୍ଭୂତ ହୁଅନ୍ତି ? (1)

(A) ଦୋଳପୂର୍ଣ୍ଣିମା (B) ରଜସଂକ୍ରାନ୍ତି

(C) କାର୍ତ୍ତିକ ପୂର୍ଣ୍ଣିମା (D) ମହାସଂକ୍ରମଣ

II. **ନିମ୍ନ କବିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ବାଛ । ( ଯେ କୌଣସି ୫ ଟିର)** (5 x 1 = 5)

ନିଶାଗମେ କ୍ରମେ ଲୋକ- କୋଳାହଳ
ନିବର୍ତ୍ତ ଅବନୀ ହେଉଛି ନିଶ୍ଚଳ,
ଜଳ-ସ୍ଥଳ ନଭ ଜ୍ୟୋସ୍ନା ପରିପ୍ଳୁତ
ସୃଷ୍ଟି ଦିଶେ ଯେହ୍ନେ ପାରଦ ଧଉତ,
ପ୍ରତିବିମ୍ବରାଜି ଦ୍ୱୀପ-ଶୈଳ-ତଳେ
ସ୍ୱଷ୍ଟାକାରେ ଶୋଭେ ହ୍ରଦ-ଅନ୍ତସ୍ଥଳେ ;
କ୍ଷୀରୋଦ- ସୋଦର-ଜ୍ୟୋସ୍ନାର୍ଣ୍ଣବେ ଭାସି
ଦିଶନ୍ତି ବିଶଦ ଗିରି, ବନ, ନାସି,
ସ୍ନିଗ୍ଧ ତରୁପତ୍ରେ, ମସୃଣ ଉପଳେ
ଜକ ଜକ ହୋଇ ଜ୍ୟୋସ୍ନା ପ୍ରତିଫଳେ,
ସର୍ପେ ଚିତ୍ର ଚନ୍ଦ୍ରଚୂଡ଼-ତନୁ ଭଳି
ଛାୟା- ମିଶ୍ରକରେ ଶୋଭେ ବନସ୍ଥଳୀ,
ପ୍ରଶାନ୍ତ, ନୀରବ ଗିରି ବନ ଦେଶ
ନାହିଁ ଏଥି ନର ଚହଳର ଲେଶ,
ଦୂର ଝରନାଦ, ଝିଙ୍କାରି –ଝଙ୍କାର
କରେ ନିଶୀଥିନୀ ପ୍ରଭାବ-ପ୍ରଚାର,
କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କିଏ ସ୍ଥଳେ ଭଜିଲେ ଆଶ୍ରୟ ?
ଚିଲିକା ! ତୋହର ଏହି ଶୋଭାବନ
ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟନ୍ତନ ।

(7) ନିଶାର ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି ? (1)

(A) ଗମ୍ଭୀର (B) ନିଶ୍ଚଳ

(C) କୋଳାହଳ ପୂର୍ଣ୍ଣ (D) ନିସ୍ତବ୍ଧ

(8) କେଉଁ ଦୃଶ୍ୟକୁ କବି 'ପାରଦଧଉତ' ବୋଲି ବର୍ଣ୍ଣନା କରିଛନ୍ତି ? (1)

(A) ଜ୍ୟୋସ୍ନାପରିପ୍ଳୁତ ସୃଷ୍ଟିର ଦୃଶ୍ୟକୁ (B) ସନ୍ଧ୍ୟା ସମୟକୁ

(C) ଚିଲିକାର ନୀଳଜଳରାଶିକୁ (D) ସନ୍ଧ୍ୟା ସମୟର ଆକାଶକୁ

(9) କେଉଁଠାରେ ଜକଜକ ହୋଇ ଜ୍ୟୋସ୍ନା ବିଚ୍ଛୁରିତ ହୋଇଛି ? (1)

(A) ଗିରି, ବନ, ନାସି ଉପରେ

(B) ଛାୟା ମିଶ୍ରିତ ବନସ୍ଥଳୀ ଉପରେ

(C) ସ୍ନିଗ୍ଧ ତରୁପତ୍ର ଓ ମସୃଣ ଉପଳରେ

(D) ଚିଲିକାର ଜଳରାଶି ଉପରେ

(10) ଛାୟା ମିଶ୍ରିତ ଆଲୋକରେ ବନସ୍ଥଳୀର ଦୃଶ୍ୟକୁ କବି କାହା ସହିତ ତୁଳନା କରିଛନ୍ତି ? (1)

(A) ସର୍ପଭୂଷିତ ଚନ୍ଦ୍ରଚୂଡ଼ ରୂପ ସହିତ

(B) ପାରଦ ଧଉତ ରାତିର ରୂପ ସହିତ

(C) ଚନ୍ଦ୍ରମା ଶୋଭିତ ଚିଲିକାର ଜଳରାଶି ସହିତ

(D) ଭସ୍ମ ବିଭୂଷିତ ଚନ୍ଦ୍ରଚୂଡ଼ଙ୍କ ରୂପ ସହିତ

(11) କିଏ ଲୋକାଳୟ ତ୍ୟାଗ କରିଛନ୍ତି ବୋଲି କବିତାରେ କୁହାଯାଇଛି ? (1)

(A) ନୀରବତା (B) ସୁଖ

(C) କ୍ରୋଧ (D) ଶାନ୍ତି

(12) ନିଶିଥିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ? (1)

(A) ଦୂର ଝରଣାର ନାଦ (B) ଝିଙ୍କାରିର ଝଙ୍କାର

(C) ଚନ୍ଦ୍ରକିରଣ (D) ଦୂର ଝରନାଦ ଓ ଝିଙ୍କାରିର ଝଙ୍କାର

## PART-B 10

## GRAMMAR

III. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତର ଟି ବାଛ । (ଯେ କୌଣସି ୫ ଟିର) (5 x 1 = 5)

(13) ଯେସାକୁ ତେସା –ଏହା କେଉଁ ପ୍ରକାର ବାକ୍ୟ ? (1)

(A) ଜଟିଳ (B) ଯୌଗିକ

(C) ସରଳ (D) ପ୍ରଶ୍ନସୂଚକ

(14) ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ସରଳ ବାକ୍ୟ ? (1)

(A) ବର୍ଷାଋତୁ ଆସିବାରୁ କଦମ୍ବ ଫୁଟିଲା ।

(B) ଯେତେବେଳେ ବର୍ଷାଋତୁ ଆସିଲା ସେତେବେଳେ କଦମ୍ବ ଫୁଟିଲା ।

(C) ଯେହେତୁ ବର୍ଷାଋତୁ ଆସିଲା ତେଣୁ କଦମ୍ବ ଫୁଟିଲା ।

(D) ବର୍ଷାଋତୁ ଆସିଲା ଓ କଦମ୍ବ ଫୁଟିଲା ।

(15) ନିମ୍ନ ଲିଖିତ ବାକ୍ୟ ମଧ୍ୟରୁ କେଉଁଟି ଏକ ଜଟିଳ ବାକ୍ୟ ? (1)

(A) ହରି ଦରିଦ୍ର କିନ୍ତୁ ସେ ବନ୍ଧୁ ବତ୍ସଳ

(B) ଯଦିଓ ହରି ଦରିଦ୍ର ତଥାପି ସେ ବନ୍ଧୁ ବତ୍ସଳ

(C) ହରି ଦରିଦ୍ର ହେଲେ ମଧ୍ୟ ବନ୍ଧୁବତ୍ସଳ

(D) ହରି ଦରିଦ୍ର ତଥାପି ବନ୍ଧୁ ବତ୍ସଳ

(16) ନିମ୍ନ ଲିଖିତ ବାକ୍ୟ ମଧ୍ୟରୁ କେଉଁଟି ଏକ ଯୌଗିକ ବାକ୍ୟ ? (1)

(A) ଅଜା ଆସିବାରୁ ଆମେ ଖୁସି ହେଲୁ ।

(B) ଅଜା ଆସିବେ ଓ ଆମେ ସମସ୍ତେ ଖୁସି ହେବୁ ।

(C) ଅଜା ଆସିବା ହେତୁ ଆମେ ସମସ୍ତେ ଖୁସି ହେଲୁ ।

(D) ଯଦି ଅଜା ଆସିବେ ତେବେ ଆମେ ସମସ୍ତେ ଖୁସି ହେବୁ ।

(17) ରମେଶ ବାଟରେ ଯାଉ ଯାଉ ଅନ୍ୟମନସ୍କ ହେବାରୁ ଖାଲରେ ପଡ଼ିଗଲା ।
- ଏହା କେଉଁ ପ୍ରକାର ବାକ୍ୟ ? (1)

(A) ସରଳ (B) ଜଟିଳ
(C) ଜଟିଳ ଓ ଯୌଗିକ (D) ସରଳ ଓ ଯୌଗିକ

(18) ଲୋକ କର୍ମ ଅନୁରୂପ ଫଳ ପାଏ । – ଏହି ବାକ୍ୟଟି ଯୌଗିକ ବାକ୍ୟରେ କ'ଣ କୁହାଯିବ ? (1)

(A) ଲୋକକର୍ମ କରେ ଓ କର୍ମ ଅନୁରୂପ ଫଳ ପାଏ ।
(B) ଲୋକ କର୍ମ କଲେ ଫଳପାଏ ।
(C) ଲୋକ ଯେପରି କର୍ମ କରେ ସେପରି ଫଳ ପାଏ ।
(D) ଯଦିଓ ଲୋକ କର୍ମ କରେ ତଥାପି ଅନୁରୂପ ଫଳ ପାଏ ନାହିଁ ।

**IV. ଉତ୍ତର ପର୍ଯ୍ୟାୟ ମଧ୍ୟରୁ ଶୁଦ୍ଧ ଶବ୍ଦଟିକୁ ବାଛ । (ଯେ କୌଣସି ୫ଟିର) (5 x 1 = 5)**

(19) (A) ଆଧିକ୍ୟତା (B) ଆଧିକ୍ୟ (1)
(C) ଅଧୀକ୍ୟ (D) ଆଧୀକ୍ୟତା

(20) (A) ଦିବାରାତ୍ରି (B) ଦିବାରାତି (1)
(C) ଦୀବାରାତୀ (D) ଦିବାରାତ୍ର

(21) (A) ସନ୍ୟାଶ (B) ସନ୍ନ୍ୟାସ୍ୟ (1)
(C) ସନ୍ନାସ (D) ସନ୍ନ୍ୟାସ

(22) (A) ଆଶୀବାର୍ଦ (B) ଆଶୀର୍ବାଦ (1)
(C) ଆର୍ଶୀବାଦ (D) ଆର୍ଶିବାଦ

(23) (A) ଅନସୂୟା (B) ଅନୁସୂୟା (1)
(C) ଅନଷୂୟା (D) ଅନୁସୁୟା

(24) (A) ନିର୍ଦ୍ଦୋଷ (B) ନିର୍ଦୋଷ (1)
(C) ନିର୍ଦ୍ଦୋଷୀ (D) ନିର୍ଦୋଶ

## PART-C 20
## Literature

**V. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେ କୌଣସି ୮ଟିର) (8 x 1 = 8)**

(25) ଜନ୍ମଭୂମି ପ୍ରବନ୍ଧ କେଉଁ ଭାବନାରେ ପରିପୁଷ୍ଟ ? (1)

(A) ସେବାଧର୍ମ (B) ବସୁଧୈବ କୁଟୁମ୍ବକମ୍
(C) ଜୀବେଦୟା (D) ଅହିଂସା ଧର୍ମ

(26) ଜୀବ ବିଜ୍ଞାନ ଚର୍ଚ୍ଚାରୁ କାହାର ସନ୍ଧାନ ମିଳିଥାଏ ? (1)

(A) ପୃଥିବୀର ଗଠନ ବିଷୟରେ (B) ଉଦ୍ଭିଦର ଗଠନ ବିଷୟରେ
(C) ସୂର୍ଯ୍ୟଙ୍କ ଗଠନ ପ୍ରକ୍ରିୟା ବିଷୟରେ (D) ପ୍ରାଣୀର ଗଠନ ପ୍ରକ୍ରିୟା ବିଷୟରେ

(27) ଜଡ଼ ବିଜ୍ଞାନ ମୂଳରେ କେଉଁ ଶାସ୍ତ୍ର ନିହିତ ? (1)

(A) ତର୍କଶାସ୍ତ୍ର (B) ଦର୍ଶନଶାସ୍ତ୍ର

(C) ଗଣିତଶାସ୍ତ୍ର (D) ଧର୍ମଶାସ୍ତ୍ର

(28) ପଲ୍ଲୀର କର୍ମ ଯୋଜନାରେ ଅଂଶ ଗ୍ରହଣ କରିବା ପାଇଁ ପ୍ରାବନ୍ଧିକଙ୍କ ନିକଟରେ କେଉଁ ଶକ୍ତିର ଅଭାବ ନ ଥିଲା ? (1)

(A) ଭୌତିକ ଶକ୍ତି (B) ମାନସିକ ଶକ୍ତି

(C) ନୈତିକ ଶକ୍ତି (D) ଦୈବୀ ଶକ୍ତି

(29) ସଭ୍ୟତା ଓ ବିଜ୍ଞାନ ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ? (1)

(A) ଉତ୍କଳ ସାହିତ୍ୟ (B) ଉତ୍କଳ ପ୍ରଭା

(C) ଉତ୍କଳ ଦର୍ପଣ (D) ଉତ୍କଳ ଦୀପିକା

(30) ପଲ୍ଲୀ ର ବେକାର ଯୁବଗୋଷ୍ଠୀ ପୁଷ୍ପିତ ପଳାଶ ବନରେ କ'ଣ ଦେଖନ୍ତି ? (1)

(A) ଆହବର ରକ୍ତ (B) ବିଦ୍ରୋହର ବହ୍ନି

(C) ଲାଲଝଣ୍ଡା (D) ରକ୍ତ କେତନ

(31) ଆମେ କାହା ସାହାଯ୍ୟରେ ଅଲୌକିକ ସଭ୍ୟତାର ଅଧିକାରୀ ହୋଇ ପାରିବୁ ବୋଲି ଲେଖକ କହିଛନ୍ତି ? (1)

(A) ଯାଦୁ ବଳରେ (B) ବିଜ୍ଞାନ ବଳରେ

(C) ସଭ୍ୟତା ବଳରେ (D) ଯୋଗ ଓ ଧ୍ୟାନବଳରେ

(32) ତ୍ୟାଗ ଓ ଆତ୍ମସଂଯମ କେଉଁ ସଭ୍ୟତାର ଆଦର୍ଶ ? (1)

(A) ରୋମୀୟ (B) ଗ୍ରୀସୀୟ

(C) ମିଶରୀୟ (D) ଭାରତୀୟ

(33) ସାର ମାଉସୀ ଗ୍ରାମ ମୁଣ୍ଡରେ **କେଉଁ ମୂର୍ତ୍ତିପରି ବସି ରହିଥାଏ ବୋଲି ଜନ୍ମଭୂମି ପ୍ରବନ୍ଧରେ ପ୍ରାବନ୍ଧିକ ସ୍ମରଣ କରିଛନ୍ତି ?** (1)

(A) ସୁନା ମୂର୍ତ୍ତି (B) ମାଟି ମୂର୍ତ୍ତି

(C) ପ୍ରସ୍ତର ମୂର୍ତ୍ତି (D) ଲୌହ ମୂର୍ତ୍ତି

(34) ଶ୍ରୀକୃଷ୍ଣଙ୍କ ନବ ସଂସାରର ମଦ୍ୟପ ବଂଶ ଗୋଷ୍ଠୀ କେଉଁ ତୀର୍ଥରେ ପରସ୍ପର ହଣାହଣି ହୋଇ ଧ୍ୱଂସ ହୋଇଥିଲେ ? (1)

(A) ପୁଷ୍କର ତୀର୍ଥ (B) ପ୍ରଭାସ ତୀର୍ଥ

(C) ଚକ୍ରତୀର୍ଥ (D) ରକ୍ତତୀର୍ଥ

**VI. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ । (ଯେକୌଣସି ୭ଟିର)**

(35) ସିଂଘନାଦ କଣ ? (1)

(A) ପଦ୍ମ (B) ଏକବାଦ୍ୟ

(C) ହସ୍ତୀ ଦନ୍ତ (D) କଟୁଶବ୍ଦ

(36) କେଉଁଟି ସପ୍ତସାଗର ର ଅନ୍ତର୍ଭୁକ୍ତ ନୁହେଁ ? (1)

(A) ଇକ୍ଷୁ ସାଗର (B) ଲବଣ ସାଗର

(C) ଘୃତ ସାଗର (D) ଲହୁ ସାଗର

(37) 'ଗଲାଣି ତ ଗଲା କଥାରେ ସଙ୍ଗାତ' କେଉଁ କବିଙ୍କର ରଚନା ? (1)

(A) ଉପେନ୍ଦ୍ର ଭଞ୍ଜ (B) ଗଙ୍ଗାଧର ମେହେର

(C) ବଳଦେବ ରଥ (D) ମଧୁସୂଦନ ଦାସ

(38) ଦୁଃଖୀଜନର ଅନ୍ତର ମଧ୍ୟରେ କାହାର ଉତ୍‌ଥାନ ପତନ କଥା କବିତାରେ କୁହାଯାଇଛି ? (1)

(A) ଆଶା (B) ନିରାଶା

(C) ନୈରାଶ୍ୟ (D) ବିଷାଦ

(39) ଈଶ୍ୱର କେଉଁଠାରୁ ସିଂଘନାଦ କାଢ଼ି ଭୀମଙ୍କ ଉଦ୍ଦେଶ୍ୟରେ ପ୍ରେରଣ କଲେ ? (1)

(A) ସିନ୍ଧୁକରୁ (B) ଜଟାରୁ

(C) ଚିରିକୁଟିରୁ (D) ପେଡ଼ିରୁ

(40) କବି କାହାକୁ ପାପ ମୂର୍ତ୍ତି ସହିତ ତୁଳନା କରିଛନ୍ତି ? (1)

(A) ମୀନ (B) ମଶାଲ

(C) ତରଣୀ (D) ମୀନଜୀବୀ

(41) ଭୀମଙ୍କ ସିଂଘନାଦ ରଡ଼ିର ପ୍ରଭାବରେ କେଉଁ ପର୍ବତ ସଞ୍ଚା ଛାଡି ବୁଲିଗଲା ? (1)

(A) ହିମାଳୟ (B) ମନ୍ଦର

(C) କୈଳାସ (D) ଋଷ୍ୟମୁକ

(42) କେଉଁଠାରେ ସନ୍ଧ୍ୟାତାରା ଦେଖି ମୀନଜୀବୀମାନେ ମହୋଲ୍ଲାସରେ ପଟିକା ଟେକି ଦିଅନ୍ତି ବୋଲି କବିତାରେ କୁହାଯାଇଛି । (1)

(A) ପ୍ରାଚୀ ମୂଳରେ (B) ହ୍ରଦ ମଧରେ

(C) ଭାଲେରି ଶିଖରରେ (D) ଉତ୍ତର ଦିଗରେ

(43) ଭୀମ କେଉଁ ଅସୁରକୁ ନିହତ କରି କୈଳାସ ପର୍ବତ ଉଦ୍ଧାର କରିଥିଲେ ? (1)

(A) ମହିଷାସୁର (B) ଜରାସନ୍ଧ

(C) ମଣ୍ଡାଖିଆ (D) ଅଶ୍ଲେଷା

**VII. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ (ଯେ କୌଣସି ୫ଟିର) (5 x 1 = 5)**

(44) ପୂରବୀ କାହାକୁ ଦେବତା ସଦୃଶ ଦେଖୁଥିଲେ ? (1)

(A) ବେବୀକୁ (B) ମହାପାତ୍ର ବାବୁଙ୍କୁ

(C) ସୁବ୍ରତଙ୍କୁ (D) ପ୍ରୀତିଙ୍କୁ

(45) କାଠୁରିଆ ଶେଷରେ କାହିଁକି ରାଗିଗଲା ? (1)

(A) ଲେଖକ ଖାଇବାକୁ ନ ଦେବାରୁ

(B) ଲେଖକ ଘରକଥା ପଚାରିବାରୁ

(C) ଲେଖକ ଗାଳି ଦେବାରୁ

(D) ଲେଖକ ଅବିଶ୍ୱାସ କରିବାରୁ

(46) ପ୍ରୀତି କିପିରି ମହାପାତ୍ରବାବୁଙ୍କ ବରାଦ ମୁତାବକ ଖାଦ୍ୟ ଯୋଗାଡ କରିଥିଲେ ? (1)

(A) ନିଜ ଚୂଡ଼ି ବିକି (B) ସୁବ୍ରତଙ୍କ ହାତଘଡି ବିକି

(C) ସୁବ୍ରତଙ୍କ କଲମ ବିକି (D) ପଡୋଶୀଙ୍କଠାରୁ ଧାର ଆଣି

(47) କିଏ ଡ଼େଇଁ ପଡ଼ି ଆଧୁନିକ କ୍ଲିଷ୍ଟ ଅବୋଧ କବିତାକୁ ତନ୍ନତନ୍ନ ବିଶ୍ଳେଷଣ କରି ଅନ୍ତର୍ନିହିତ ସାରତତ୍ତ୍ୱ ପ୍ରକଟ କରନ୍ତି ? (1)

(A) ପୋଖତ ଭାବୁକ (B) ପୋଖତ ପ୍ରାବନ୍ଧିକ

(C) ପୋଖତ କବି (D) ପୋଖତ ସମାଲୋଚକ

(48) କାଠୁରିଆ ହାତକୁ ଦିଟଙ୍କିଆ ନୋଟ୍ ବଢ଼ାଇ ଦେଇ ଲେଖକ ତା'କୁ କେତେ ପଇସା ମାଗିଲେ ? (1)

(A) ବାରଣା ପଇସା (B) ଚାରଣା ପଇସା

(C) ଆଠଅଣା ପଇସା (D) ଏକଟଙ୍କା

(49) ସୁବ୍ରତ କେଉଁ ରଙ୍ଗର କଲମରେ ଲେଖୁଥିଲେ ? (1)

(A) ନାଲି ରଙ୍ଗର (B) ସବୁଜ ରଙ୍ଗର

(C) କଳା ରଙ୍ଗର (D) ନେଳୀ ରଙ୍ଗର

(50) "ବେବିଙ୍କୁ ଆଣିଲେ, ତାଙ୍କୁ ବି ତ ନେଇ ଆସିପାରିଥାନ୍ତେ " ଏକଥା କିଏ କହିଛନ୍ତି ? (1)

(A) ପ୍ରୀତି (B) ସୁବ୍ରତ

(C) ମହାପାତ୍ରବାବୁ (D) ଘନଶ୍ୟାମ ବାବୁ